# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୧୯ ମସିହା ଜୁନ୍ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

**ଖରାଟିଆ ଧାନ :**

- ❖ ଧାନ ଅମଳ ପରେ ସାଇତି ରଖିବା ପାଇଁ ଶତକଡ଼ା ୧୪ ଭାଗ ଜଳୀୟ ଅଂଶ ଥିବା ପର୍ଯ୍ୟନ୍ତ ଶୁଖାଇ ରଖନ୍ତୁ । ଧାନକୁ ସାଇତି ରଖିବା ପୂର୍ବରୁ ୨ ଦିନ ପର୍ଯ୍ୟନ୍ତ ଖରାରେ ଶୁଖାଇବା ଦରକାର । ମାତ୍ର ବିହନ ପାଇଁ ରଖିବାକୁ ଥିଲେ ଶତକଡା ୧୨ ଭାଗ ଜଳୀୟ ଅଂଶ ଥିବା ପର୍ଯ୍ୟନ୍ତ ଶୁଖାଇ ରଖନ୍ତୁ ।
- ❖ ଭଲଭାବେ ଶୁଖିଲା ଧାନକୁ ଜରି ଲାଗିଥିବା ବସ୍ତାରେ କିମ୍ବା ବିନ୍‌ରେ ସାଇତି ରଖନ୍ତୁ ।
- ❖ ସାଇତି ରଖିଥିବା ଶସ୍ୟରେ କୌଣସି ପୋକ ଦେଖାଦେଲେ ଆଲୁମିନିୟମ୍ ଫସ୍‌ଫାଇଡ୍ ବଟିକା ୧ ଟନ୍ ଶସ୍ୟ ପିଛା ୩ଟି ବଟିକା (ସମୁଦାୟ ୯ ଗ୍ରାମ୍) ବାଷ୍ପୀୟ ବିଷ ୩ ରୁ ୧୦ ଦିନ ପଯ୍ୟନ୍ତ ଦିଅନ୍ତୁ । ଲୋକ ଚଳାଚଳ କରିବା ଘରେ ଧୂଆଁ ଦିଅନ୍ତୁ ନାହିଁ ।

**ଶୁଖିଲା ଖରିଫ ବୁଣାଧାନ :**

- ❖ ବର୍ଷାଶ୍ରୀତ ଖାଲ ଜମିରେ ସିଧାବୁଣା ପାଇଁ ଖରାଟିଆ ଚାଷ କରି ଦିଅନ୍ତୁ । କଲଟିଭେଟର ରେ ୨-୩ ଥର ଭଲଭାବେ ହଳ କରି ମାଟିକୁ ଗୁଣ୍ଡ କରିଦିଅନ୍ତୁ । ଯେଉଁଠାରେ ହାଲୁକା ମାଟି ଅଛି ସେଠାରେ ରୋଟାଭେଟରରେ ଚାଷ କରି ମାଟି ଭଲଭାବେ ଗୁଣ୍ଡ ହେବାପରେ ସିଡ୍ ଡ୍ରିଲ ବ୍ୟବହାର କରି କିମ୍ବା ଦେଶୀ ଲଙ୍ଗଳ ସିଆର ପଛରେ ଧାନ ବୁଣି ଦିଅନ୍ତୁ ।
- ❖ ବର୍ଷାଶ୍ରୀତ ଅଳ୍ପ ଖାଲୁଆ ଜମି ଯେଉଁଠି ଧାନ ବୁଣିବା ଦରକାର ଜମି ପ୍ରସ୍ତୁତ କରନ୍ତୁ ।
- ❖ ଉଚ୍ଚା ଜମିରେ ସିଧା ବୁଣାଧାନ ପାଇଁ ସି.ଆର.ଧାନ ୧୦୦(ସତ୍ୟଭାମା), ସି.ଆର.ଧାନ ୧୦୧(ଅଙ୍କିତ୍), ସହଭାଗୀ ଧାନ, ଫାଲଗୁନି, ବନ୍ଦନା ଇତ୍ୟାଦି କିସମ ବ୍ୟବହାର କରନ୍ତୁ । ଦକ୍ଷିଣ ପଶ୍ଚିମ ମୌସୁମୀ ବର୍ଷା ପୂର୍ବରୁ ବୁଣାବୁଣି ସାରି ଦିଅନ୍ତୁ ।
- ❖ ଶେଷ ଓଡ଼ ଜମି ପ୍ରସ୍ତୁତି ସମୟରେ ପ୍ରତି ହେକ୍ଟର ପିଛା ୨ ଟନ୍ ହିସାବରେ ସଢ଼ା ଗୋବର ଖତ ପ୍ରୟୋଗ କରନ୍ତୁ ।
- ❖ ଅଳ୍ପଖାଲୁଆ ଜମି ଯେଉଁଠି ସିଧାଧାନ ବୁଣାଯାଏ ସେଠାରେ ପୂର୍ଣ୍ଣ ମାତ୍ରାର ଫସ୍‌ଫରସ୍ ଏକର ପିଛା ୧୨ କି.ଗ୍ରା. (ଅର୍ଥାତ୍ ଏକର ପିଛା ୭୫ କି.ଗ୍ରା. ଏସ୍.ଏସ୍.ପି. କିମ୍ବା ୨୭ କି.ଗ୍ରା. ଡି.ଏ.ପି.) ଏବଂ ଖାଲୁଆ ଏବଂ ଗଭୀର ଜମିରେ ଶେଷଥର ଜମି ପ୍ରସ୍ତୁତି ସମୟରେ ଏକର ପିଛା ୮ କି.ଗ୍ରା. ଫସଫରସ୍ (ଅର୍ଥାତ୍ ୫୦ କି.ଗ୍ରା ଏସ୍.ଏସ୍.ପି କିମ୍ବା ୧୮ କି.ଗ୍ରା. ଡି.ଏ.ପି) ବ୍ୟବହାର କରିବା ଉଚିତ୍ ।
- ❖ ମଧ୍ୟମ ଖାଲୁଆ ଜମିରେ ବର୍ଷାଧାନ, ଦୁର୍ଗା, ସି.ଆର.ଧାନ ୫୦୧, ଶାରଳା ଏବଂ ଗାୟତ୍ରୀ କିସମ ବ୍ୟବହାର କରନ୍ତୁ । ସି.ଆର.ଧାନ ୫୦୦, ସି.ଆର.ଧାନ ୫୦୨(ଜୟନ୍ତୀ ଧାନ), ସି.ଆର.ଧାନ ୫୦୩(ଜଳମଣି), ସି.ଆର.ଧାନ ୫୦୫ ଓ ସି.ଆର.ଧାନ ୫୦୭(ପ୍ରଶାନ୍ତ) ଆଦି ଖାଲୁଆ ଜମିରେ ବ୍ୟବହାର କରନ୍ତୁ । ଏକ ଏକର ଧାନ ପାଇଁ ୧୪-୧୬ କି.ଗ୍ରା. ଧାନ ବିହନ ବ୍ୟବହାର କରନ୍ତୁ ।
- ❖ ବନ୍ୟା ପ୍ଲାବିତ ଅଞ୍ଚଳରେ ସ୍ୱର୍ଣ୍ଣ, ପୂଜା, ସି.ଆର.ଧାନ ୩୦୦, ସୁମିତ୍, ପ୍ରତିକ୍ଷା, ରାଣିଧାନ ଏବଂ ସି.ଆର.ଧାନ ୮୦୧ ଏବଂ ସି.ଆର.ଧାନ ୮୦୨ ଭଲ ଧାନ କିସମ ୧୪-୧୬ କି.ଗ୍ରା. ବିହନ ବ୍ୟବହାର କରନ୍ତୁ ।

❖ ଧାନ ବିହନ ସଫା କରିବା ଏବଂ ଘାସ ମଞ୍ଜିକୁ ଅଲଗା କରିବା ପାଇଁ ଧାନ ବିହନକୁ ଏହାକୁ ୨ ଶତକଡା ବାଇନ୍ ଦ୍ରବଣରେ ବୁଡାଇ ରଖନ୍ତୁ ଏବଂ ପରେ ଭାଷମାନ ଘାସ ମଞ୍ଜି ଏବଂ ଅଗାଡି ଧାନକୁ ବାହାର କରି ଦିଅନ୍ତୁ ।

❖ ଏକ କି.ଗ୍ରା. ଆର୍ଦ୍ର ବିହନକୁ କାର୍ବାଣ୍ଡାଜିମ୍ ୫୦ ଡବ୍ଲୁ.ପି ୧.୫ ଗ୍ରାମ୍ କିମ୍ବା ଶୁଖିଲା ବିହନ ଏକ କି.ଗ୍ରା. ବିହନରେ ୨ ଗ୍ରାମ୍ କାର୍ବାଣ୍ଡାଜିମ୍ ରେ ବିଶୋଧନ କରନ୍ତୁ । ମହିଷା ରୋଗ ହେଉଥିବା ଅଞ୍ଚଳରେ ଏକ ଲିଟର ପାଣିରେ ଏକ କି.ଗ୍ରା. ବିହନରେ ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍ ୭୫ ଡବ୍ଲ୍ୟୁ.ଜି.(ବୋନ୍ କିମ୍ବା ବିମ୍) ବ୍ୟବହାର କରନ୍ତୁ ।

**ଖରିଫ ରୁଆଧାନ :**

❖ ପ୍ରାକ୍ ମୌସୁମୀ ବର୍ଷା ହେବା ସମୟରେ ଶୁଖିଲା ତଳିଘେରା ପସ୍ତୁତ କରିଦିଅନ୍ତୁ ।

❖ ମଝିଆଳି ଖାଲୁଆ ଜମିରେ ସି.ଆର.ଧାନ ୩୦୭(ମଉଡ଼ମଣି), ସି.ଆର.ଧାନ ୩୦୩, ସି.ଆର.ଧାନ ୩୦୪, MTU ୩୦୪, MTU ୧୦୦୧, ନବୀନ୍, ସି.ଆର.ଧାନ ୩୧୦, ଡି.ଆର.ଆର.୪୪, ଉନ୍ନତ ଲଲାଟ, ସି.ଆର.ଧାନ ୩୦୧(ହିଉ), ସି.ଆର.ଧାନ ୮୦୦, ସି.ଆର.ଧାନ ୪୦୪, ସ୍ୱର୍ଣ୍ଣ, ପୁଜା, ସ୍ୱର୍ଣ୍ଣସବ୍-୧ ଏବଂ ବି.ପି.ଟି ୫୨୦୪ କିସମ ବ୍ୟବହାର କରନ୍ତୁ ।

❖ ଲୁଣି ଅଞ୍ଚଳ ପାଇଁ ଲୁଣିସହିଷ୍ଣୁ ଧାନ କିସମ ଯଥା ସି.ଆର.ଧାନ ୪୦୫(ଲୁଣା ସଙ୍ଖି), ସି.ଆର.ଧାନ ୪୦୩ (ଲୁଣା ସୁବର୍ଣ୍ଣ) ଏବଂ ଲୁଣିଶ୍ରୀ ଆଦି କିସମ ବ୍ୟବହାର କରନ୍ତୁ ।

❖ ଚାଷୀଭାଇମାନେ ଶଙ୍କର ଜାତୀୟ ଧାନ ଯେପରିକି ଅଜୟ, ରାଜଲକ୍ଷ୍ମୀ, ସି.ଆର.ଧାନ ୭୦୧, କେ.ଆର.ଏଚ୍ ୨ ଏବଂ PHB ୭୧ ବ୍ୟବହାର କରିପାରିବେ ।

❖ ଯେଉଁ ଚାଷୀମାନେ ବାସନା ଧାନ ଚାଷ କରିବାକୁ ଚାହୁଁଛନ୍ତି ସେମାନେ ଗୀତାଞ୍ଜଳୀ, ସି.ଆର. ସୁଗନ୍ଧଧାନ ୯୦୭, ସି.ଆର. ସୁଗନ୍ଧଧାନ ୯୦୮ ଏବଂ ସି.ଆର. ସୁଗନ୍ଧଧାନ ୯୧୦ କିସମ ବ୍ୟବହାର କରିପାରିବେ ।

❖ ବର୍ଷାଶ୍ରୀତ ଅଳ୍ପ ଖାଲୁଆ ଜମିରେ ପ୍ରାକ୍ ମୌସୁମୀ ବର୍ଷା ହେବା ପରେ ପରେ ଏକର ପିଛା ୧୨ କି.ଗ୍ରା. ଧଣିଚା ସବୁଜସାର ହିସାବରେ ବୁଣି ଦିଅନ୍ତୁ ।

*****